## ସଂକ୍ଷେପରେ

### ମଳ ଉପଚାର କେନ୍ଦ୍ର ଟ୍ରାଏଲ କଲେ ତହସିଲଦାର

ଗଞ୍ଜାମ,୨୫।୧(ଡି.ଏନ.ଏ.): ଗଞ୍ଜାମ ଜିଲା ଋଷିକୁଲ୍ୟା ନଦୀସ୍ଥିତ ଜେଟି ଘରଠାରେ ନିର୍ମାଣାଧୀନ ପ୍ରକଳ୍ପ ମଳ ଉପଚାର କେନ୍ଦ୍ରର ପାଣି ପମ୍ପକୁ ଷ୍ଟାର୍ଟ କରି ଟ୍ରାଏଲ କରିଛନ୍ତି ତହସିଲଦାର ଅରୁଣ କୁମାର ନାୟକ। ଏହା କିପରି କାର୍ଯ୍ୟକ୍ଷମ ହେବ ସେ ସମ୍ପର୍କରେ ବିଶେଷଜ୍ଞ ଓ କନିଷ୍ଠ ଯନ୍ତ୍ରୀଙ୍କ ସହ ତହସିଲଦାର ଆଲୋଚନା କରିଥିଲେ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୨ କୋଟି ୫୮ ଲକ୍ଷ ବ୍ୟୟ ଅଟକଳ ହୋଇଥିଲା। ପିଏମ୍ କନ୍‌ଷ୍ଟ୍ରାକ୍ଟର ପ୍ରାଇଭେଟ ଲିମିଟେଡ୍ ଏହାର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲା। ଟ୍ରାଏଲ ବେଳେ ଏଫ୍‌ଏସ୍‌ଏସ୍‌ଏମ୍ ବିଶେଷଜ୍ଞ ନେହେଲା ନୱାଜ, କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା, ସାନିଟାଇଜର ଏକ୍ସପର୍ଟ ସୁମିତ କୁମାର ବେହେରା, ସିଏମ୍‌ଏମ୍ ମ୍ୟାନେଜର ଭାଗ୍ୟଶ୍ରୀ ନାୟକ, ଇଂପ୍ଲିମେଣ୍ଟେସର ଏକ୍ସପର୍ଟ ବିଷ୍ଣୁପ୍ରିୟା ସାବତ ପ୍ରମୁଖଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

### ଜାତୀୟ ମତଦାତା ଦିବସ ପାଳିତ

କାଶୀନଗର,୨୫।୧: କାଶୀନଗର ବ୍ଲକ ସଭାଗୃହଠାରେ ଦ୍ୱାଦଶ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ବିଡିଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନ ସଭାରେ ନୂତନ ଯୁବ ଭୋଟରଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦ୍ମଚରଣ ବେହେରା, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମହାରଣା ପ୍ରମୁଖ ମଞ୍ଚାସୀନ ରହି ମତଦାତା ଦିବସରେ ଭୋଟରଙ୍କୁ ଶପଥ ପାଠ କରାଇଥିଲେ।

### ଯାଞ୍ଚ ପରେ ପ୍ରାର୍ଥୀପତ୍ର ନାକଚ

ନୂଆଗଡ଼,୨୫।୧:ନୂଆଗଡ଼ ବ୍ଲକ ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତର ସରପଞ୍ଚ ସଂରକ୍ଷିତ ଅନୁସୂଚିତ ଜନଜାତି ମହିଳା ହୋଇଥିବା ବେଳେ ଗ୍ରାମର ୩ଜଣ ମହିଳା ଆଶାୟୀ ନାମାଙ୍କନ ଦାଖଲ କରିଥିଲେ। ସେଥିରେ ସ୍ୱପନା ଖରଙ୍ଗୀ ଓରାନ ଆଶାୟୀ ପ୍ରାର୍ଥିନି ଜଣେ ଝାଡ଼ଖଣ୍ଡ ରାଜ୍ୟର ଆଦିବାସୀ ଝିଅ ହୋଇଥିବାରୁ ତାଲିକାରୁ ବାଦ ପଡିଛନ୍ତି। ଏ ନେଇ ପରେ ସ୍ୱପନା ଅନେକ ଥର ବ୍ଲକ ନିର୍ବାଚନ ଅଧିକାରୀଙ୍କୁ କାରଣ ପଚାରି ବୁଝିଥିଲେ। କିନ୍ତୁ କୌଣସି ଉତ୍ତର ପାଇନଥିବା ସେ କହିଛନ୍ତି। ତେବେ ସୋମବାର ଏକ ପତ୍ର ପାଇଥିଲେ। ସେଥିରେ ଉଲ୍ଲେଖ ଅଛି ଯେ ଜାତି ପ୍ରମାଣପତ୍ର ଓଡ଼ିଶା ରାଜ୍ୟର ନହୋଇ ବାହାର ରାଜ୍ୟର ହୋଇଥିବା ଯୋଗୁ ତାଙ୍କ ନାମାଙ୍କନ ପତ୍ର ନାକଚ କରାଯାଇଛି। ଏ ନେଇ ବ୍ଲକ ନିର୍ବାଚନ ଅଧିକାରୀ ଲାବନ୍ୟେନ୍ଦୁ ମହାନ୍ତିଙ୍କୁ ପଚାରି ବୁଝିବାରୁ ସରକାରଙ୍କ ନିୟମ ଅନୁସାରେ ପ୍ରାର୍ଥୀପତ୍ର ନାକଚ କରାଯିବାର ପତ୍ର ଦିଆଯାଇଥିବା କହିଥିଲେ।

### କର୍କଟ ରୋଗରେ ନବୋଦୟ ବିଦ୍ୟାଳୟ ଅଧକ୍ଷଙ୍କ ମୃତ୍ୟୁ

ପାତ୍ରପୁର,୨୫।୧(ଡି.ଏନ.ଏ): ପାତ୍ରପୁର ବ୍ଲକ ସୁରଙ୍ଗୀଠାରେ ଥିବା ଜବାହର ନବୋଦୟ ବିଦ୍ୟାଳୟ ଅଧକ୍ଷ ରାମ ଜୀବନ ଶର୍ମାଙ୍କ ମଙ୍ଗଳବାର କର୍କଟ ରୋଗରେ ମୃତ୍ୟୁ ଘଟିଛି। ସେ ଗତ ୨୦୧୯ ମାର୍ଚ୍ଚରେ ସୁରଙ୍ଗୀଠାରେ କାର୍ଯ୍ୟରେ ଯୋଗଦେଇଥିଲେ। ଗତ ବର୍ଷଠାରୁ ନିୟମିତ ଚିକିତ୍ସିତ ହେଉଥିଲେ। ତାଙ୍କ ଘର ବିହାରର ମୁଙ୍ଗେର ଜିଲା ଥେବାଇକୋରବ ଗ୍ରାମରେ ବୋଲି ଜଣାପଡ଼ିଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ପ୍ରତିଭା ଦେବୀ ଏବଂ ଦୁଇ ଝିଅ ଉପସ୍ଥିତ ଥିଲେ। ଖବର ପାଇ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ପହଞ୍ଚି ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସୁରଙ୍ଗୀରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ସାନ ଝିଅ ପ୍ରୀତି କୁମାରୀ ମୁଖାଗ୍ନି ଦେଇଥିଲେ।

# ଭାଜପା ସମର୍ଥକଙ୍କୁ ଅଟକ ପ୍ରତିବାଦରେ ଥାନା ଘେରାଉ

## କବିରାଜଙ୍କୁ ଗିରଫ ଦାବି କଲା ବିଜେଡି

ଭଞ୍ଜନଗର,୨୫।୧(ଡି.ଏନ.ଏ)

ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ଉତ୍ତେଜନା ଆଡ଼କୁ ଗତି କରୁଛି । ଭଞ୍ଜନଗର ପୋଲିସ ଏକ ମାମଲାର ତଦନ୍ତ ପାଇଁ କଇଣ୍ଡିର ଜଣେ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି । ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ସାଢ଼େ୫ଟା ପର୍ଯ୍ୟନ୍ତ ଥାନା ଘେରାଉ କରିବା ସହ ମୁଖ୍ୟରାସ୍ତାକୁ ଅବରୋଧ କରାଯାଇଥିଲା। ପୋଲିସ ଶାସକଦଳର କଥାରେ ପଡ଼ି ଭାଜପା ସମର୍ଥକଙ୍କୁ ବିନା କାରଣରେ ଥାନାକୁ ଆଣି ହଇରାଣ କରୁଛି। ଥାନାରେ ଅଟକ କଇଣ୍ଡିର ଯୁବକ ଜଣଙ୍କ ଭାଜପା ସମର୍ଥକ ହୋଇଥିବା ଯୋଗୁ ପୋଲିସ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ଥାନାକୁ ଆଣିଛି । ସମ୍ପୃକ୍ତ ଯୁବକଙ୍କୁ ଛାଡ଼ିବା ଦାବିରେ ଭାଜପା ନେତା ପ୍ରଦ୍ୟୁମ୍ନ ନାୟକ, ଅଯୋଧ୍ୟା ନାଥ ମହାପାତ୍ର, ବିଷ୍ଣୁ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ କର୍ମୀମାନେ ଥାନା



ଭାଜପା ପକ୍ଷରୁ ଥାନା ସମ୍ମୁଖରେ ରାସ୍ତାରୋକୋ କରାଯାଇଛି ।

ଘେରିଥିଲେ । ଅପରାହ୍ନ ସାଢ଼େ ୫ଟାରେ ଥାନା ଅଧିକାରୀ ଧିରେଶ ଦାସ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ପରେ ବିଜେଡ଼ି ନେତା ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଦିବାକର ନାୟକ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ଜଗବନ୍ଧୁ ଜେନା, ଟୁଟୁ ପ୍ରଧାନ ପ୍ରମୁଖ ଥାନାକୁ ଯାଇ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇଥିଲେ । ସେଥିରେ ଉଲ୍ଲେଖ ରହିଛି ଯେ, ଭାଜପାର ନେତାମାନେ ଅନେକ ବେନିୟମ କାର୍ଯ୍ୟରେ ଜଡ଼ିତ ଅଛନ୍ତି। ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ସମର୍ଥକମାନଙ୍କୁ ଧମକଚମକ ଦେଉଛନ୍ତି । କୋଭିଡ୍ ସମୟରେ ଭାଜପା ନେତାମାନେ ଆଇନକୁ ଉଲ୍ଲଂଘନ କରି ରାସ୍ତାରୋକ କରୁଛନ୍ତି । ଭାଜପା ଘୁମୁସର ସାଙ୍ଗଠନିକ ଜିଲା ଅନୁସୂଚିତ ଜାତି ସଭାପତି କବିରାଜ ବେହେରା ଜଣେ ପଛୁଆବର୍ଗର ବ୍ୟକ୍ତି ହୋଇଥିଲେ ମଧ୍ୟ ସେ ହରିଜନ ମାନେ ପାଉଥିବା ସୁବିଧା ସୁଯୋଗ ନେଇଥିବାରୁ ଏହା ହରିଜନମାନଙ୍କ ପ୍ରତି ଘୋର ଅନ୍ୟାୟ। ତେଣୁ ତୁରନ୍ତ କବିରାଜଙ୍କୁ ଜାଲ ଜାତି ପ୍ରମାଣପତ୍ର ମାମଲାରେ ଗିରଫ କରିବା ପାଇଁ ବିଜେଡ଼ି ଦାବି କରିଛି । ଏନେଇ ବିଜେଡ଼ି ନେତାମାନେ ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର ଭେଟି ଆଉ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏନେଇ ଥାନା ଅଧିକାରୀ ଧିରେଶ ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତିଯେ ଅଟକ ଯୁବକଙ୍କୁ ଏକ ମାମଲାର ତଦନ୍ତ ପାଇଁ ଅଣାଯାଇଛି । ତଦନ୍ତ ପରେ ଯାହା କିଛି ନିଷ୍ପତି ନିଆଯିବ ।

# ଚକ୍‌ରେ ୭୩ କ୍ଷୁଦ୍ରତମ ଐତିହ୍ୟ କଳାକୃତି

ବ୍ରହ୍ମପୁର ଅଫିସ୍,୨୫।୧

ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ୭୩ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କ୍ଷୁଦ୍ରତମ ତ୍ରିରଙ୍ଗା କଳାକୃତି ସହ ଚକ୍ ମାଧ୍ୟମରେ ବିଭିନ୍ନ ଐତିହ୍ୟ କଳାକୃତିଗୁଡ଼ିକୁ ନିର୍ମାଣ କରିଛନ୍ତି। ଯାହା ଦେଖିବାକୁ କ୍ଷୁଦ୍ରତମ, କିନ୍ତୁ ବେଶ୍ ଆକର୍ଷଣୀୟ ହୋଇଛି। ଶିଳ୍ପୀ ସତ୍ୟ ଉକ୍ତ ସମସ୍ତ କଳାକୃତିକୁ ୩ ଦିନ ମଧ୍ୟରେ ନିର୍ମାଣ କରିଥିବା କହିଛନ୍ତି। ସେ କାଗଜରେ ୩ ଏମ୍‌ଏମ୍ (ମିଲିମିଟର) ବିଶିଷ୍ଟ କ୍ଷୁଦ୍ରତମ ତ୍ରିରଙ୍ଗା ପତାକା ନିର୍ମାଣ କରିଛନ୍ତି। ସେ ଚକ୍‌ରେ ୨ ଏମ୍‌ଏମ୍‌ର ଲଳିତଗିରି, ପୁରୀ ମନ୍ଦିର ୫ ଏମ୍‌ଏମ୍, କୋଣାର୍କ ମନ୍ଦିର ୪ ଏମ୍‌ଏମ୍, ଖଣ୍ଡଗିରି ୬ ଏମ୍‌ଏମ୍, ଉଦୟଗିରି ୫ ଏମ୍‌ଏମ୍, ଧଉଳି ୯ ଏମ୍‌ଏମ୍, ଭୈରବୀ ୮ ଏମ୍‌ଏମ୍, କପିଳାସ ୫ ଏମ୍‌ଏମ୍, କାଳୁଆ ୬ ଏମ୍‌ଏମ୍, ତାରାତାରିଣୀ ୮ ଏମ୍‌ଏମ୍, ବାରବାଟୀ ୮ ଏମ୍‌ଏମ୍, ରାଜାରାଣୀ ମନ୍ଦିର ୪ ଏମ୍‌ଏମ୍, ବ୍ରହ୍ମପୁର ଠାକୁରାଣୀ ମନ୍ଦିର ୬ ଏମ୍‌ଏମ୍, ଲିଙ୍ଗରାଜ ମନ୍ଦିର ୭ ଏମ୍‌ଏମ୍, ପାରଳାଖେମୁଣ୍ଡି ରାଜପ୍ରାସାଦ ୯ ଏମ୍‌ଏମ୍, ଜଉଗଡ଼ ୭ ଏମ୍‌ଏମ୍ ଓ



ସତ୍ୟ ନିର୍ମାଣ କରିଥିବା କ୍ଷୁଦ୍ରତମ ଐତିହ୍ୟ କଳାକୃତି।

ରାମେଶ୍ୱର ୯ ଏମ୍‌ଏମ୍ ଭଳି ୭୩ଟି ଐତିହ୍ୟ ସ୍ଥାନଗୁଡ଼ିକୁ ସେ ନିର୍ମାଣ କରିଛନ୍ତି। ଏହି ସମସ୍ତ କଳାକୃତିକୁ ମଧ୍ୟ ସେ ୩ ଦିନ ମଧ୍ୟରେ ନିର୍ମାଣ କରିଥିବା କହିଛନ୍ତି। ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ରହିଥିବା ଐତିହ୍ୟ ସ୍ଥାନଗୁଡ଼ିକୁ ସୁରକ୍ଷିତ ରଖିବା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏଭଳି କଳାକୃତି ମାଧ୍ୟମରେ ସଚେତନତା କରିବା ମୂଳ ଲକ୍ଷ୍ୟ ବୋଲି ସତ୍ୟ କହିଛନ୍ତି। ଏଭଳି କଳାକୃତିକୁ ସେ ଆଗାମୀ ଦିନରେ ରେକର୍ଡ ନିମନ୍ତେ ଆବେଦନ କରିବେ ବୋଲି କହିଛନ୍ତି।

# 'ଗଣତନ୍ତ୍ରର ମୂଳଦୁଆ ହେଉଛନ୍ତି ଭୋଟର'

ଛତ୍ରପୁର,୨୫।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ସମାରୋହ ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୋଟର ହେଉଛନ୍ତି ଗଣତନ୍ତ୍ରର ମୂଳଦୁଆ ବୋଲି କହିଥିଲେ। ମତଦାତା କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ନିଜ ବିବେକକୁ ନେଇ ଭୋଟ ଦେଲେ ଠିକ୍ ପ୍ରତିନିଧି ନିର୍ବାଚିତ ହୋଇପାରିବେ ବୋଲି କହିଥିଲେ। ଭୋଟର ତାଲିକା ପ୍ରସ୍ତୁତଠାରୁ ଆରମ୍ଭ କରି ଘରକୁ ଘର ଯାଇ ଭୋଟରଙ୍କୁ ସଚେତନ କରାଇଥିବାରୁ ବୁଥ୍‌ସ୍ତରୀୟ ଅଫିସରମାନଙ୍କୁ ଜିଲାପାଳ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ନୂତନ ଭୋଟରଙ୍କୁ ଭୋଟ ପରିଚୟ ପତ୍ର ଜିଲାପାଳ ବଣ୍ଟନ କରିଥିଲେ । ସମ୍ମାନିତ



ନୂତନ ଭୋଟରଙ୍କୁ ପରିଚୟ ପତ୍ର ଦିଆଯାଉଛି।

ଅତିଥି ଭାବେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତଙ୍କୁ ମତଦାତାଙ୍କ ସଂକଳ୍ପ ସମ୍ପର୍କରେ ଶପଥ ପାଠ କରାଇଥିଲେ । ଆସିଷ୍ଟାଟ କଲେକ୍ଟର (ନିର୍ବାଚନ) ଏମ୍ ପ୍ରମୋଦ କୁମାର ବେହେରା ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିବା ସହ ଧନ୍ୟବାଦ ଦେଇଥିଲେ । ଶ୍ରେଷ୍ଠ ବୁଥ୍‌ସ୍ତରୀୟ ଅଫିସର (ବିଏଲଓ) ଭାବେ ଗୋପାଳପୁରର ଶିକ୍ଷୟିତ୍ରୀ ମାମି ନାୟକ, ବ୍ରହ୍ମପୁର ପୁରୁଣା ତାଲୁକା ସୁବୁଦ୍ଧିଦେବୀ ପିୟୁପିଏସର ଅଙ୍ଗନୱାଡି କର୍ମୀ ଅନୀତା କୁମାରୀ ସାହୁ ଓ ଚିକିଟି ବ୍ଲକ ସୁନାପୁର ଉଚ୍ଚପ୍ରାଥମିକ ସ୍କୁଲର ଶିକ୍ଷକ ହରି ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଏକ ସଚେତନତା ରଥ ପରିକ୍ରମା କରିଥିଲା ।

# ଆଇନ ସେବା ପ୍ରାଧିକରଣ ତରଫରୁ ସଚେତନତା ଶିବିର

ପାରଳାଖେମୁଣ୍ଡି,୨୫।୧(ଡି.ଏନ.ଏ.)

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ଓ ମାନ୍ୟବର ଜିଲା ଦୌରାଜଜ୍ ତଥା ପ୍ରାଧିକରଣର ଅଧକ୍ଷ ସତ୍ୟପୀର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ କୋଭିଡ୍ ପୀଡିତାଙ୍କ ମଙ୍ଗଳ ନିମନ୍ତେ ଥିବା ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକ ଉପରେ ଏକ ଅନ୍‌ଲାଇନ ସ୍ତରରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ରବି ନାରାୟଣ ବେହେରା ସରକାରଙ୍କ କୋଭିଡ୍ ପୀଡିତାଙ୍କ ମଙ୍ଗଳ ପାଇଁ ଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହାସହିତ ସମ୍ମାନିତ ଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ସୁଶ୍ରୀ ଶୁଭଲକ୍ଷ୍ମୀ ପ୍ରିୟଦର୍ଶନୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅଧିକନ୍ତୁ, ଆଇନଜୀବୀ ବୃନ୍ଦ ଏବଂ ପାରା ଲିଗାଲ ଭାଲୁଣ୍ଟୀର ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପ୍ରାଧିକରଣର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ଜାତୀୟ ମତଦାତା ଦିବସ




ଉପସ୍ଥିତ ଅତିଥିବୃନ୍ଦ।

ବ୍ରହ୍ମପୁର ଅଫିସ,୨୫।୧

ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ୧୨ଶ ଜାତୀୟ ମତଦାତା ଦିବସ ମଙ୍ଗଳବାର ଟାଉନ ହଲ୍ ପରିସରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନ ଯୋଗ ଦେଇଥିଲେ। ମତଦାତା ତାଲିକା ସଂଶୋଧନ ପାଇଁ ସାରା ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଚାଲିଥିଲା। ଏଥିରେ ବ୍ରହ୍ମପୁର ଉପଖଣ୍ଡ ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି ବୋଲି ଉପଜିଲାପାଳ କହିଛନ୍ତି। ସେ ଆହୁରି କହିଥିଲେ, ସଂଶୋଧନ ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ୮୮% ଆବେଦନ ହୋଇଥିଲା, ଯାହା ରାଜ୍ୟରେ ସର୍ବାଧିକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଯୋଗଦେଇ ମତଦାନ ହିଁ ମତଦାତାଙ୍କ ମୁଖ୍ୟ ଅସ୍ତ୍ର। ଏଣୁ ସଭିଏ ନିଜ ନାମକୁ ମତଦାତାଙ୍କ ତାଲିକାରେ ଯୋଡ଼ିବା ସହ ନିର୍ବାଚନରେ ଭାଗନେବା ପାଇଁ ସେ କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ମତଦାନ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ ପାଇଁ ବଜରଙ୍ଗୀ ପ୍ରସାଦ ପଟ୍ଟନାୟକ, ସଂଗ୍ରାମ ବିଶୋୟୀ, ବିରଞ୍ଚି ବାଡ଼ତ୍ୟା ଓ ବିଜୟ ରେଡ୍ଡୀ ଦୋରାଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ ଧନ୍ୟବାଦ ଅର୍ପଣ ଓ ସହକାରୀ ଜିଲାପାଳ ଡି. ମାଲେଶ୍ୱର ପାତ୍ର ସଂଯୋଜନା କରିଥିଲେ।

# କାମ ନ କରି ଟଙ୍କା ଉଠାଯାଇଥିବା ଅଭିଯୋଗ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍

ପାତ୍ରପୁର,୨୫।୧(ଡି.ଏନ.ଏ.)

ପାତ୍ରପୁର ବ୍ଲକ ଜରଡ଼ା ପଞ୍ଚାୟତ ସୁର୍ବର୍ଣ୍ଣପୁର ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ନ ହୋଇ ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମର ଯୁବ ଗୋଷ୍ଠୀମାନେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଖୁଲାସା କରିଛନ୍ତି। ୨୦୨୦-୨୧ ବର୍ଷରେ ମହାଦେଇ ବନ୍ଧଠାରୁ ବାରିକ ସାହି ରୋଡ଼ ପାଇଁ ପ୍ରାୟ ୨ ଲକ୍ଷ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଏବଂ ଶ୍ମଶାନ ରୋଡ୍ ପାଇଁ ମଧ୍ୟ ୨ ଲକ୍ଷ ୭୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା କାମ ନ ହୋଇ ବିଭିନ୍ନ ଲୋକଙ୍କ ବ୍ୟାଙ୍କ ଖାତାକୁ ଆସିଥିବା ଜଣାପଡ଼ିଛି। ଏ ନେଇ ଗ୍ରାମରେ ବାରମ୍ବାର ବୈଠକ ବସି ଆଲୋଚନା ହୋଇଥିଲେ ମଧ୍ୟ ଏହି କାର୍ଯ୍ୟର କିଏ ନେତୃତ୍ୱ ନେଇଥିଲା କିଏ ଟଙ୍କା ଉଠାଇ ହରଣଚାଲ କରିଛି କେହି ମଧ୍ୟ ମୁହଁ ଖୋଲୁ ନାହାନ୍ତି ବୋଲି ଯୁବ ଗୋଷ୍ଠୀ କହିଛନ୍ତି। ଗ୍ରାମର ଉନ୍ନତି ପାଇଁ ଆସିଥିବା ଟଙ୍କାକୁ କାର୍ଯ୍ୟରେ ନ ଲଗାଇ ହଡ଼ପ ଘଟଣାକୁ ଯୁବ ଗୋଷ୍ଠୀ ନିନ୍ଦା କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ ଗୋଷ୍ଠୀ ଦାବି କରିଛନ୍ତି।

# ନିର୍ବାଚନ ରଣାଙ୍ଗନରେ ୭୮୧ ପ୍ରାର୍ଥୀ

ଦିଗପହଣ୍ଡି,୨୫।୧(ଡି.ଏନ.ଏ.)

ନାମାଙ୍କନ ପ୍ରତ୍ୟାହାରର ମଙ୍ଗଳବାର ଥିଲା ଅନ୍ତିମ ଦିବସ। ୧୨୪ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିଛନ୍ତି। ସେମାନଙ୍କ ମଧ୍ୟରୁ ସରପଞ୍ଚ ପ୍ରାର୍ଥୀ ୩୦, ସମିତିସଭ୍ୟ ୨୨ ଓ ୱାର୍ଡସଭ୍ୟ ୭୨ ବୋଲି ନିର୍ବାଚନ ଅଧିକାରୀ ହଳଧର ଶବର ସୂଚନା ଦେଇଛନ୍ତି। ଚଳିତ ତ୍ରିସ୍ତରୀୟ ନିର୍ବାଚନ ପାଇଁ ଦିଗପହଣ୍ଡି ବ୍ଲକର ୨୫ ପଞ୍ଚାୟତ ମଧ୍ୟରୁ ୧୦୮ ସରପଞ୍ଚ, ୮୮ ସମିତିସଭ୍ୟ ଓ ୭୦୯ ୱାର୍ଡସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏବେ ନିର୍ବାଚନ ମଇଦାନରେ ସର୍ବମୋଟ ୭୮୧ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ସ୍ପଷ୍ଟ ହୋଇଛି। ସେମାନଙ୍କ ମଧ୍ୟରୁ ସରପଞ୍ଚ ୭୮, ସମିତିସଭ୍ୟ ୬୬ ଓ ୱାର୍ଡସଭ୍ୟ ୬୩୭ ଜଣ ପ୍ରାର୍ଥୀ ରହିଛନ୍ତି।

# ୨ ପଥର ବୋଝେଇ ଟ୍ରାକ୍ଟର ଜବତ

ବୁଗୁଡ଼ା,୨୫।୧(ଡି.ଏନ.ଏ.)

ବୁଗୁଡ଼ା ତହସିଲ ଅନ୍ତର୍ଗତ ଚଡିଆପଲ୍ଲୀ ଓ ନଗୁଡୁ ପାହାଡ଼ରୁ ପଥର ଚାଲାଣ ଅଭିଯୋଗରେ ମଙ୍ଗଳବାର ତହସିଲ ପ୍ରଶାସନ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଏଥିରେ ୨ ପଥର ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଉଭୟ ଟ୍ରାକ୍ଟର ମାଲିକଙ୍କଠାରୁ ୫୦,୮୪୦ଟଙ୍କା ଫାଇନ ଆଦାୟ କରିଛି। ଚଡିଆପଲ୍ଲୀ, କାନସୁକା ଓ ନଗୁଡୁ ପାହାଡ଼ରେ ପୋଲିସ ପହରା ବ୍ୟବସ୍ଥା କରାଯାଇଛି। ପଥର ଓ ବାଲି ଚାଲାଣକୁ ପ୍ରଶୟ ଦିଆଯିବ ନାହିଁ ବୋଲି ତହସିଲଦାର କରିଛନ୍ତି।


**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
Jayadev Vatika Square, Ghatikia, Khandagiri, Bhubaneswar-30

**QUOTATION CALL NOTICE**

Sealed quotations are invited from Buyers & Sellers / Reputed Firms dealing in old / used official furniture & fixtures and electrical itmes etc. Interested parties may apply by **01.02.2022 (7)** days along with their supporting documents like PAN No & GST registration etc. with their highest rates for purchase of the above materials on inspection of the same lying at our Branch Office located **Utkalika, Sector-5, Rourkela**. The selected Buyers/Sellers wil lift the materials on "**as is where is basis**". The quotation should be submitted complete in all respect to the **Branch-In-Charge, Utkalika, Sector-5, Rourkela** on or before **01.02.2022 by2.00 P.M.** and will be opened on the same day at **3.00 P.M.** in the presence of the bidders or their authorized representative. The undersigned reserves the right to accept or reject any or all the quotations without assigning any reason thereof.

Sd/- Managing Director


# କର୍ମଚାରୀ ସଂଘର ୪୭ତମ ବାର୍ଷିକ ଅଧିବେଶନ




କର୍ମଚାରୀ ସଂଘ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
## ନୂତନ କର୍ମକର୍ତ୍ତା ନିର୍ବାଚିତ

ବ୍ରହ୍ମପୁର ଅଫିସ,୨୫।୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ୪୭ତମ ବାର୍ଷିକ ଅଧିବେଶନ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ସିନେଟ ହଲ୍‌ରେ ଆୟୋଜିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଦ୍ୟୁତିକୃଷ୍ଣ ବେହେରା ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ପାଳ, ଉପସଭାପତି ସୁଶାନ୍ତ ସାହୁ, ନରେନ୍ଦ୍ର କୁମାର ପାତ୍ର, ସାଧାରଣ ସମ୍ପାଦକ ଡ.ମିହିର କୁମାର ତ୍ରିପାଠୀ, ସହସମ୍ପାଦକ ଇନ୍ଦ୍ର ପ୍ରସାଦ ବେହେରା, ସବିତା ରାଣୀ ସାହୁ, କୋଷାଧ୍ୟକ୍ଷ ସତ୍ୟନାରାୟଣ ଶତପଥୀ, ଉପଦେଷ୍ଟା ସୁଶାନ୍ତ କୁମାର ମହାପାତ୍ର ମଞ୍ଚାସୀନ ଥିଲେ। ବାର୍ଷିକ ଅଧିବେଶନରେ ସଂଘ ପକ୍ଷରୁ ବିଗତ ବର୍ଷ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା ସହ ନୂତନ ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଉପେନ୍ଦ୍ର ପାଳ, ସାଧାରଣ ସମ୍ପାଦକ ସତ୍ୟନାରାୟଣ ସାହୁ, ସୁଶାନ୍ତ କୁମାର ସାହୁ କାର୍ଯ୍ୟକାରୀ ସମ୍ପାଦକ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ସମ୍ପାଦକ ଗୀତାରାଣୀ ପଣ୍ଡା,ସହସମ୍ପାଦକ ଭୀମରାଜୁ ରେଡ୍ଡୀ, ଉପଦେଷ୍ଟା ଡ.ଶଙ୍କର ମାଝିଙ୍କ ସମେତ ୨୫ ଜଣ ନୂତନ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଭୋଟର ଦିବସ

ଫୁଲବାଣୀ ଅଫିସ, ୨୫।୧

କନ୍ଧମାଳ ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ମଙ୍ଗଳବାର ଜିଲାସ୍ତରୀୟ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରଥ ସହର ପରିକ୍ରମା କରିଥିଲା । ପରେ ଅନୁଷ୍ଠିତ ବୈଠକରେ ପ୍ରଥମେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ନୂତନ ଭୋଟର ସଚ୍ଚୋଟ ହୋଇ ମତଦାନ କରିବା ଆବଶ୍ୟକ । କାହାରି କଥାରେ ପ୍ରଲୋଭିତ ନ ହେବାକୁ ଉପସ୍ଥିତ ନୂତନ ଭୋଟରଙ୍କୁ ଉପଜିଲାପାଳ ଶେଷଦେବ ମିଶ୍ର ପରାମର୍ଶ ଦେଇଥିଲେ । ନୂତନ ଭୋଟର ମାନଙ୍କୁ ଭୋଟ ପରିଚୟ ପତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବୁଥସ୍ତରୀୟ ଅଫିସର ୩ ଶିକ୍ଷକଙ୍କୁ ପୁରସ୍କୃତ କରାଯାଇଥିଲା।

# ପୋଖରୀରେ ବୁଡ଼ି ଜଣେ ମୃତ

ଦିଗପହଣ୍ଡି,୨୫।୧(ଡି.ଏନ.ଏ.)

କେ.ନୂଆଗାଁ ଥାନା ଗୌଡଗାଁ ପଞ୍ଚାୟତ ଲହୁଣିଆ ଗ୍ରାମର ବାସୁଦେବ ସାହୁ (୬୫)ଙ୍କ ମଙ୍ଗଳବାର ପୋଖରୀରେ ବୁଡି ମୃତ୍ୟୁ ଘଟିଛି। କେ.ନୂଆଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇଛି। ବାସୁଦେବ ମଙ୍ଗଳବାର ଗାଁ ପୋଖରୀରେ ଗାଧୋଉଥିବା ବେଳେ ଗୋଡ ଖସିଯିବାର ପାଣିରେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ଗୌଡଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଗୌଡଗାଁ ରାଜସ୍ୱ ନୀରିକ୍ଷକ କୈଳାଶ ପାତ୍ର ପହଞ୍ଚି ତଦନ୍ତ କରିଛନ୍ତି। ଗୌଡଗାଁ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ପହଞ୍ଚି ମୃତଦେହ ବ୍ରହ୍ମପୁର ପଠାଇବାରେ ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMIIVSKP 2022006, ତା.20.01.2022ରିଖ

କାର୍ଯ୍ୟର ନାମ : ଅବଶିଷ୍ଟ କାର୍ଯ୍ୟଗୁଡ଼ିକର ସମ୍ପାଦନ : ପୂର୍ବ ତଟ ରେଳପଥର କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପର କୋରାପୁଟ-ବାଇଗୁଡ଼ା। (କି.ମି.0.00 ଠାରୁ କି.ମି.34.50) ମଧ୍ୟରେ କଟିଙ୍ଗ୍ ଏବଂ ବ୍ୟାଙ୍କିଙ୍ଗରେ ମାଟି କାମ, ବ୍ଲାଙ୍କେଟ୍ (Blanket) ବିଛାଇବା, ଛୋଟ ପୋଲ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2049.01 ଲକ୍ଷ, EMD (ଟଙ୍କାରେ) : 11,74,500/- ।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ..ETCPMIIVSKP 2022007, ତା.20.01.2022ରିଖ

କାର୍ଯ୍ୟର ନାମ : କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପ : ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳର କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପ ସମ୍ବନ୍ଧୀୟ ଭାଲୁମାସ୍କା (ଅନ୍ତର୍ଭୁକ୍ତ)-ସିଙ୍ଗାପୁର ରୋଡ୍ (ଅନ୍ତର୍ଭୁକ୍ତ) ସେକ୍ସନର କି.ମି.128.925 ଠାରୁ କି.ମି.163.854 ପର୍ଯ୍ୟନ୍ତ ଫର୍ମେସନରେ ମାଟି କାମ, ଛୋଟ ପୋଲ, କାର୍ଯ୍ୟସ୍ଥଳ ସୁବିଧା, ଗାଡ଼ି ଯୋଗାଣ ଏବଂ ଅନ୍ୟ ଆନୁସଙ୍ଗିକ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 17770.49 ଲକ୍ଷ, EMD (ଟଙ୍କାରେ) : 90,35,300/- ।

କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ପାଇଁ) ଏବଂ 24 ମାସ (କ୍ରମ ସଂ.2 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.02.2022 ରିଖ 1200 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଉପର୍ଯ୍ୟୁକ୍ତ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C/G ଏବଂ G1 ର ଦାଖଲ, ଟେଣ୍ଡର ନଥିପତ୍ର ଉପ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-115/CE/21-22



**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 743/P.S.C. Dt.25.01.2022
1E-07-2021/22 (DR-III)

No. D-291: It is for information of all concerned that **Computer Based Recruitment Examination (CBRE)** for recruitment to the post of **Assistant Soil Conservation Officer in Class-II (Group-B),** pursuant to Advertisement No. **13 of 2020-21** will be held on **06.03.2022 (Sunday)**.
The detailed programme of examination will be notified shortly.
The candidates are advised to visit **(www.opsc.gov.in)** the wesbite of the Commission regularly for further information on examination related Notice(s).

OIPR-12002/11/0226/2122 Sd./- Secretary



**GOVERNMENT OF ODISHA, "e" PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com

**1st Corrigendum to Bid Identification No. CE-W.B.P. (O) - 27/2021-22**
File No. P-IM-Misc. 10/2008 (Pt.)

No. B-1010: Following changes are made for the work at Sl. No. 01 to Sl. No. 20 of IFB vide Bid Identification No. CE-W.B.P. (O) - 27/2021-22.

| Reference Sl. No. of IFB | Items | Original | Revised as |
|---|---|---|---|
| 1 | 2 | 3 | 4 |
| Para - 04 | The Bid documents will be available in the website: **https://tendersodisha.gov.in** from | 12.01.2022 at 10.00 hours | 28.01.2022 at 10.00 hours |
| Para - 06 | Bids shall be received only "Online" on or before | 31.01.2022 upto 17.00 hours | 14.02.2022 upto 17.00 hours |
| Para - 07 | Bids received online shall be opened at | 11.30 hours on 01.02.2022 | 11.30 hours on 15.02.2022 |

All other terms and conditions remain unchanged.

Sd./- Chief Engineer
World Bank Project, Odisha
OIPR-34003/11/0045/2122

